# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 Morning – 2024

# କଳାଧନ ରୋକିବା ଲାଗି ପଦକ୍ଷେପ

ସାଧାରଣ ନିର୍ବାଚନ-୨୦୨୪କୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲାଗି କଳାଧନ ରୋକିବା କ୍ଷେତ୍ରରେ ନିର୍ବାଚନ କମିଶନଙ୍କୁ ଆୟକର ବିଭାଗ ସହାୟତା ପ୍ରଦାନ କରିବ। ସେହିପରି ଜନସାଧାରଣ ଟୋଲ ଫ୍ରି ନମ୍ବର-୧୮୦୦-୧୧-୨୩୦୦ କୁ ଡାଏଲ କରି କଣ୍ଟ୍ରୋଲ ରୁମ ସହିତ କଳାଧନ କାରବାର ଉପରେ ସୂଚନା ଦେଇପାରିବେ । ଯୋଗାଯୋଗ କରୁଥିବା ବ୍ୟକ୍ତିମାନଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ । ଏହି ବ୍ୟବସ୍ଥା ଲୋକସଭା ନିର୍ବାଚନ ଶେଷହେବା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ ।

## ଫ୍ୟାକ୍ଟ ଚେକ୍ ୟୁନିଟ୍

ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଥିବା ମିଥ୍ୟା ଖବରକୁ ରୋକିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)କୁ ଏହି ଦାୟିତ୍ୱ ଦିଆଯାଇଛି । ପିଆଇବି ଫ୍ୟାକ୍ଟ ଚେକିଂ ୟୁନିଟ୍ ସହିତ ସମ୍ପର୍କ ସ୍ଥାପନ ପାଇଁ ଏକ ହ୍ୱାଟ୍ସଆପ୍ ନମ୍ବର ୮୭୯୯-୭୧୧-୨୫୯ ମଧ୍ୟ ଜାରି କରାଯାଇଛି ।

## ରବିବାର ବ୍ୟାଙ୍କ ଖୋଲା

ଚଳିତ ଆର୍ଥିକ ବର୍ଷର ଶେଷଦିନ ତଥା ମାର୍ଚ୍ଚ ୩୧ ତାରିଖ ରବିବାର ଦିନ ଦେଶର ସମସ୍ତ ବ୍ୟାଙ୍କ ଖୋଲାରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ରୀୟ ବ୍ୟାଙ୍କ ଏ ସମ୍ପର୍କରେ ଜାରି କରିଥିବା ଏକ ନିର୍ଦ୍ଦେଶନାମା ଅନୁସାରେ କୁହାଯାଇଛି ଯେ ସରକାରଙ୍କର ରସିଦ ଏବଂ ଦେୟ ଦେଣନେଣ ଜନିତ କାରବାରକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ।

## ରବିଧାନ ସଂଗ୍ରହ

ରବିଧାନ ସଂଗ୍ରହ ଲାଗି ଚାଷୀ ପଞ୍ଜିକରଣ ଚଳିତମାସ ୨୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସୂଚନା ଅନୁସାରେ ରାଜ୍ୟରେ ବର୍ତ୍ତମାନସୁଦ୍ଧା ୧ଲକ୍ଷ ୮୪ହଜାର ୩୭୨ଜଣ ଚାଷୀ ରବିଧାନ ସଂଗ୍ରହ ଲାଗି ନାମ ପଞ୍ଜିକରଣ କରିଛନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ଗତକାଲି ସୁଦ୍ଧା ଚାଷୀ ପଞ୍ଜିକରଣ ସଂଖ୍ୟା କମ୍ ଥିବାରୁ ସରକାର ଏ ବାବଦରେ ପଦକ୍ଷେପ ନେଇ ୧୭ଟି ଜିଲ୍ଲାର ୧୪ଟି ସମବାୟ ନିବନ୍ଧକଙ୍କୁ ଚିଠି ଲେଖି ପଞ୍ଜିକରଣ ସମୟ ବୃଦ୍ଧି କରିଛନ୍ତି ।

## ପୋଷ୍ଟାଲ ବାଲାଟ-ସାମ୍ବାଦିକ

ଏକ ଐତିହାସିକ ନିଷ୍ପତ୍ତି କ୍ରମେ ଭାରତର ନିର୍ବାଚନ କମିଶନ ପ୍ରାଧିକୃତ ସାମ୍ବାଦିକମାନଙ୍କୁ ପୋଷ୍ଟାଲ ବାଲାଟରେ ମତଦାନ କରିବା ପାଇଁ ଅଧିକାର

ପ୍ରଦାନ କରିଛନ୍ତି । ପ୍ରଥମଥର ପାଇଁ ସାମ୍ବାଦିକମାନେ ନିଜ ନିର୍ବାଚନମଣ୍ଡଳୀରୁ ଦୂରରେ ରହି ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ ସହିତ ସାଧାରଣ ନିର୍ବାଚନରେ ମତଦାନ କରିପାରିବେ । ଓଡ଼ିଶାରେ ମଧ୍ୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହିତ ପ୍ରାଧିକୃତ ସାମ୍ବାଦିକମାନଙ୍କ ମତଦାନ ପାଇଁ ଉଚିତ୍ ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ।

# +୨ ଖାତାଦେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ପରୀକ୍ଷା ଗତକାଲି ଶେଷ ହୋଇଛି । ଆସନ୍ତାକାଲିଠାରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ପ୍ରକ୍ରିୟା ଆରମ୍ଭ ହେବ ।  ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୦ହଜାର ୫୦୦ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ପରିଷଦ କର୍ତ୍ତୃପକ୍ଷ କହିଛନ୍ତି । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନ୍ ଏବଂ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନ୍ ଜରିଆରେ କରାଯିବ । ଚଳିତବର୍ଷ ୩ଲକ୍ଷ ୮୬ହଜାର ୨୫୦ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଛନ୍ତି । ପରୀକ୍ଷାରେ ସମୁଦାୟ ୬ଶହ ଅଣଚାଶ ଜଣ ଛାତ୍ରଛାତ୍ରୀ କପି କରି ଧରାପଡିଥିବା ଜଣାପଡିଛି । ଆସନ୍ତା ମେ’ ମାସ ୧୫ ତାରିଖ ମଧ୍ୟରେ

+୨ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଲକ୍ଷ୍ୟ ରଖାଯାଇଛି ।

## ବିଶ୍ୱ ଜଙ୍ଗଲ ଦିବସ

ମନୁଷ୍ୟ ଜୀବନରେ ଜଙ୍ଗଲର ମହତ୍ୱକୁ ବୁଝାଇବା ଲାଗି ଆଜି ବିଶ୍ୱରେ ଆନ୍ତର୍ଜାତିକ ବନ ଦିବସ ପାଳନ କରାଯାଉଛି । ଜଙ୍ଗଲ ବିନା ଜୀବନ ଅସମ୍ଭବ । ହେଲେ ବିଗତ କିଛିବର୍ଷ ହେଲା ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡି ଭଳି ଅନେକ ସମସ୍ୟା ଦେଖାଦେଉଛି । ଏକ ଆକଳନ ଅନୁସାରେ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ଜଙ୍ଗଲ ଧ୍ୱଂସ ପାଇଲାଣି । ଜଙ୍ଗଲ କ୍ଷୟର ହାର କମିବା ବଦଳରେ ଦିନକୁଦିନ ଅଧିକରୁ ଅଧିକ ଜଙ୍ଗଲକୁ ନଷ୍ଟ କରାଯାଉଛି । ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ୨୦୧୨ ମସିହା ନଭେମ୍ବର ୨୮ ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ବନଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ପରିବେଶ ସନ୍ତୁଳନ ରକ୍ଷା କରିବା, ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଜୀବନକୁ ସୁନ୍ଦର ଆଉ ସବୁଜିମାରେ ଭରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ଚାରାରୋପଣ ଏକମାତ୍ର ବିକଳ୍ପ ବୋଲି ସମସ୍ତେ ଆଜିର ଦିନରେ ଶପଥ ନେବା ବାଞ୍ଛନୀୟ ।

# ପାଣିପାଗ

ଓଡ଼ିଶାର ବିଭିନ୍ନ ସ୍ଥାନରେ ଗତ ଦୁଇଦିନ ଧରି ବର୍ଷା ଲାଗି ରହିଥିବାବେଳେ ଆଜି ପାଗ ବଦଳିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

କାଳବୈଶାଖୀ ପ୍ରଭାବରୁ ଗତକାଲି ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଥିଲା । ତାପମାତ୍ରା ୪ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧିବପାଇବ ବୋଲି ଜଣାପଡିଛି ।